# NATIONAL NEWS BULLETIN (ODIA)

## 30 July - 2025

## Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଜିଠାରୁ ତିନି ଦିନିଆ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଗସ୍ତ ।
- ଅପରେସନ୍ ସିନ୍ଦୂର ଅବସରରେ ସମଗ୍ର ବିଶ୍ୱ ଆତ୍ମନିର୍ଭରଶୀଳ ଭାରତର ଶକ୍ତିକୁ ଦେଖିଛି, କହିଲେ ପ୍ରଧାନମନ୍ତ୍ରୀ ।
- ଦେଶର ପ୍ରତିରକ୍ଷା ରପ୍ତାନୀ ଆସନ୍ତା ୨୦୨୯ ସୁଦ୍ଧା ୫୦ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି କହିଲେ ପ୍ରତିରକ୍ଷା ମନ୍ତ୍ରୀ ।
- ରୁଷର କାମ୍‌ଚଟକା ଉପଦ୍ୱୀପର ପ୍ରଶାନ୍ତ ମହାସାଗରୀୟ ଉପକୂଳ ଅଞ୍ଚଳରେ ୮ ଦଶମିକ୍ ୭ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ।

ଏବଂ

- ୨୦୨୬ ଏ.ଏଫ୍.ସି. ମହିଳା ଏସିଆ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଜାପାନ୍, ଭିଏତ୍‌ନାମ୍ ଏବଂ ଚାଇନିଜ୍ ତାଇପେଇ ସହିତ ଗ୍ରୁପ୍-ସିରେ ସ୍ଥାନିତ ହେଲା ଭାରତ ।

## ପ୍ରେଜ୍-ଡବ୍ଲ୍ୟୁବି-ଝାଡ଼ଖଣ୍ଡ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ତିନି ଦିନିଆ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଗସ୍ତରେ ଯିବେ । ପଶ୍ଚିମବଙ୍ଗର କଲ୍ୟାଣୀ ସ୍ଥିତ ଏମସ୍‌ର ପ୍ରଥମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବେ । ଝାଡ଼ଖଣ୍ଡ ଦେଓଘର ସ୍ଥିତ ଏମସ୍‌ର ପ୍ରଥମ ସମାବର୍ତ୍ତନ ଉତ୍ସବର ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ପରେ ରାଷ୍ଟ୍ରପତି ଧାନବାଦ ଆଇ.ଆଇ.ଟି. – ଇଣ୍ଡିଆନ୍ ସ୍କୁଲ୍ ଅଫ୍ ମାଇନ୍ସର ୪୫ତମ ସମାବର୍ତ୍ତନ ସମାରୋହରେ ଯୋଗଦେବେ ।

## ଏଲ୍‌ଏସ୍-ଅପରେସନ୍ ସିନ୍ଦୂର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱର କୌଣସି ନେତା ଭାରତକୁ ଅପରେସନ୍ ସିନ୍ଦୂର ବନ୍ଦ କରିବାକୁ କହିନାହାନ୍ତି । ଆମେରିକା ଚାପରେ ପାକିସ୍ତାନ ସହିତ ଯୁଦ୍ଧ ବିରତି ପାଇଁ ଭାରତ ରାଜି ହୋଇଥିବା ବିରୋଧୀ ସଦସ୍ୟଙ୍କ ଅଭିଯୋଗ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

ଲୋକସଭାରେ ଅପରେସନ୍ ସିନ୍ଦୂର ଉପରେ ଚାଲିଥିବା ଆଲୋଚନାର ଗତକାଲି ଉତ୍ତର ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ପାକିସ୍ତାନ ଭାରତକୁ ଅପରେସନ ସିନ୍ଦୂର ବନ୍ଦ କରିବାକୁ ଅନୁରୋଧ କରିଥିଲା । ପହଲଗାମ ଆତଙ୍କବାଦୀ ପରିପ୍ରେକ୍ଷୀରେ ଭାରତ ପାକିସ୍ତାନକୁ ଉପଯୁକ୍ତ ଜବାବ ଦେଇଥିଲା । ଭାରତୀୟ ସଶସ୍ତ୍ର ବାହିନୀ ମାତ୍ର ୨୨ ମିନିଟ୍‌ରେ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଥିଲା । ପାକିସ୍ତାନର ପରମାଣୁ ଧମକ ଆଗରେ

ନତମସ୍ତକ ହେବ ନାହିଁ ବୋଲି ସମଗ୍ର ବିଶ୍ୱକୁ ଭାରତ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛି । ଅପରେସନ ସିନ୍ଦୂର ଅବସରରେ ସମଗ୍ର ବିଶ୍ୱ ଆତ୍ମନିର୍ଭରଶୀଳ ଭାରତର ଶକ୍ତିକୁ ଦେଖିଛି ଏବଂ ସ୍ୱଦେଶୀ ନିର୍ମିତ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ପାକିସ୍ତାନୀ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳାକୁ ପ୍ରତିହତ କରିପାରିଛି ।**V/O**

ଏହି ଆଲୋଚନାରେ ପୂର୍ବରୁ ଅଂଶଗ୍ରହଣ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଥିଲେ, ଦେଶର ସୁରକ୍ଷା ବାହିନୀ ଆତଙ୍କବାଦୀଙ୍କ ସହ ସେମାନଙ୍କୁ ସହଯୋଗ ପ୍ରଦାନ କରିଥିବା ଲୋକଙ୍କୁ ମଧ୍ୟ ଲକ୍ଷ୍ୟ କରି ଆକ୍ରମଣ କରିଥିଲା । ପାକିସ୍ତାନର ୯ଟି ଆତଙ୍କବାଦୀ ସ୍ଥଳକୁ ଧ୍ୱଂସ କରିବା ସହ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିଥିଲା । କୌଣସି ପାକିସ୍ତାନୀ ନାଗରୀକଙ୍କର ଏଥିରେ ମୃତ୍ୟୁ ହୋଇନାହିଁ ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ଏହି ଆଲୋଚନାରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ଅଂଶଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଉତ୍ତର ପରେ ଲୋକସଭାକୁ ଆଜି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

## ଆର୍‌ଏସ୍-ଅପରେସନ୍ ସିନ୍ଦୂର

ରାଜ୍ୟସଭାରେ ମଧ୍ୟ ଗତକାଲି ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଭାରତର ଶକ୍ତିଶାଳୀ ସଫଳ ତଥା ନିର୍ଣ୍ଣାୟକ ପଦକ୍ଷେପ ଅପରେସନ ସିନ୍ଦୂର ଉପରେ ବିଶେଷ ଆଲୋଚନା ହୋଇଥିଲା । ଆଲୋଚନା ଆରମ୍ଭ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଜାମ୍ମୁ କାଶ୍ମୀରରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ସହ ଜଡ଼ିତ ତିନି ଜଣ ଆତଙ୍କବାଦୀଙ୍କୁ ନିପାତ କରିଥିବାରୁ

ଭାରତୀୟ ସେନା ଏବଂ ସୁରକ୍ଷା ବାହିନୀକୁ ଅଭିନନ୍ଦନ ଜଣାଇଥିଲେ । ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତା ନୀତିକୁ ଅପରେସନ୍ ସିନ୍ଦୂର ପ୍ରତିପାଦନ କରିଥିଲା । ଭବିଷ୍ୟତରେ ପାକିସ୍ତାନ ଦୁଃସାହସିକ କାର୍ଯ୍ୟ କରିବାକୁ ସାହସ କଲେ ଭାରତ ଏହାର ଭାରତ ଅପରେସନ୍ ସିନ୍ଦୂର ପୁନଃ ଆରମ୍ଭ କରିବାକୁ ପଛଘୁଞ୍ଚା ଦେବ ନାହିଁ ବୋଲି ଶ୍ରୀ ସିଂହ କହିଛନ୍ତି । ଦେଶରେ ନିର୍ମିତ ପ୍ରତିରକ୍ଷା ଉତ୍ପାଦ ଚଳିତ ବର୍ଷ ୧୦୦ଟି ଦେଶକୁ ରପ୍ତାନୀ କରାଯାଇଛି । ପ୍ରତିରକ୍ଷା ରପ୍ତାନୀ ୩୦ ହଜାର କୋଟି ଟଙ୍କାରେ ପହଞ୍ଚିଛି ଏବଂ ଆସନ୍ତା ୨୦୨୯ ସୁଦ୍ଧା ଏହା ୫୦ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ଆଲୋଚନାରେ ଅଂଶଗ୍ରହଣ କରି ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ସରକାରଙ୍କ ଗୁଇନ୍ଦା ବିଫଳତା ନେଇ ଅଭିଯୋଗ କରିଥିଲେ ।  ଏହି ଆଲୋଚନାରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ଅଂଶଗ୍ରହଣ କରିଥିଲେ । ପରେ ରାଜ୍ୟସଭା ଉପାଧ୍ୟକ୍ଷ ଆଜି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି ।

## ଇସ୍ରୋ-ନିଶାର

ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ ପକ୍ଷରୁ ଆଜି ନାସା-ଇସ୍ରୋ ସିନ୍ଥେଟିକ୍ ଆପାର୍‌ଚର୍ ରାଡାର୍ ନିଶାର୍ ସାଟେଲାଇଟ୍‌ର ଉତ୍କ୍ଷେପଣ କରାଯିବ । ଶ୍ରୀହରିକୋଟା ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ସନ୍ଧ୍ୟା ୫ଟା ୪୦ ମିନିଟ୍‌ରେ ଜି.ଏସ୍.ଏଲ୍.ଭି. ଏଫ୍-୧୬ ରକେଟ୍ ମାଧ୍ୟମରେ ଏହି ସାଟେଲାଇଟ୍‌କୁ ଉତ୍କ୍ଷେପଣ କରାଯିବ । ଏଥିପାଇଁ ଗତକାଲି ଅପରାହ୍ନ ୨ଟା

୧୦ ମିନିଟ୍‌ରୁ ଅବଗଣନା ଆରମ୍ଭ ହୋଇଛି । ପ୍ରତି ୧୨ ଦିନରେ ସମଗ୍ର ପୃଥିବୀକୁ ତର୍ଜମା କରିବା ଏହି ମିଶନ୍‌ର ଲକ୍ଷ୍ୟ । ଜଳବାୟୁ ପରିବର୍ତ୍ତନ ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ସମ୍ପର୍କିତ ଫଟୋ ଚିତ୍ର ଏହି ସାଟେଲାଇଟ୍ ପ୍ରଦାନ କରିବ ବୋଲି ଜଣାପଡ଼ିଛି । ପ୍ରାକୃତିକ ବିପର୍ଯ୍ୟୟ, ପରିବେଶଗତ ଅବକ୍ଷୟ, ଭୂକମ୍ପ ଭଳି ଗତିଶୀଳ ପ୍ରକ୍ରିୟା ଗୁଡ଼ିକୁ ଏହି ସାଟେଲାଇଟ୍ ନିରିକ୍ଷଣ କରିବା ସହ ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରିବ ।

## ରୁଷ-ଆର୍ଥକ୍ୱେକ୍

ରୁଷର କାମ୍‌ଚଟ୍‌କା ଉପଦ୍ୱୀପର ପ୍ରଶାନ୍ତ ମହାସାଗରୀୟ ଉପକୂଳ ଅଞ୍ଚଳରେ ୮ ଦଶମିକ୍ ୭ ତୀବ୍ରତା ବିଶିଷ୍ଟ ଭୂକମ୍ପ ଆଜି ଭୋର୍‌ରୁ ଅନୁଭୂତ ହୋଇଛି । ସମୁଦ୍ର ତଟଠାରୁ ପ୍ରାୟ ୧୩୬ କିଲୋମିଟର ଦୂରରେ ୧୯ କିଲୋମିଟର ଗଭୀରତାରେ କେନ୍ଦ୍ରୀଭୂତ ହୋଇଥିବା ଏହି ଭୂକମ୍ପ ଜାପାନ୍‌ର ୨୦୧୧ ଶକ୍ତିଶାଳୀ ଭୂକମ୍ପ ଠାରୁ ଅଧିକ ତୀବ୍ର ବୋଲି ଆକଳନ କରାଯାଇଛି । ରୁଷ ଏବଂ ଜାପାନର କିଛି ଅଞ୍ଚଳ ପାଇଁ ସୁନାମୀ ଚେତାବନୀ ଜାରି କରାଯାଇଛି । କାମ୍‌ଚଟ୍‌କା ଉପଦ୍ୱୀପରେ ପ୍ରାୟ ୪ ମିଟର ଉଚ୍ଚ ଢେଉ ସୃଷ୍ଟି ହୋଇଥିବା ଜଣାପଡ଼ିଛି । ଭୂକମ୍ପ ପରେ ପ୍ରଶାନ୍ତ ମହାସାଗରୀୟ ସୁନାମୀ ଚେତାବନୀ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଯୁକ୍ତରାଷ୍ଟ୍ର ଆମେରିକାରେ ଜାତୀୟ ପାଣିପାଗ ସେବା ଦକ୍ଷିଣ ଆଲାସ୍କା ଏବଂ ଆଲ୍‌ଏୟୁଟିଆନ୍ ଦ୍ୱିପପୁଞ୍ଜର କେତେକ ଅଞ୍ଚଳ ପାଇଁ ସୁନାମୀ ସତର୍କତା

ଜାରି କରାଯାଇଛି । ରୁଷର ଶାଖାଲିନ୍ ଦ୍ୱୀପରେ ଲୋକଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ସ୍ଥାନୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ସିନ୍ଧିଆ ସଞ୍ଚାର ସାଥି

ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଗତକାଲି ସଞ୍ଚାର ସାଥି ମୋବାଲ୍ ଆପ୍‌ର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି । ହିନ୍ଦୀ ଏବଂ ୨୧ଟି ଆଞ୍ଚଳିକ ଭାଷାରେ ଏହି ଆପ୍ ବ୍ୟବହାର କରାଯାଇ ପାରିବ । ଦେଶର ବିଭିନ୍ନ ଅଞ୍ଚଳରେ ଆପ୍‌ର ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ସରକାର ଆନୁସଙ୍ଗୀକ ପଦକ୍ଷେପ ଗ୍ରହଣ କରିଛନ୍ତି । ସନ୍ଦୀଗ୍ଧ ଯୋଗାଯୋଗକୁ ଚିହ୍ନଟ କରିବା, ହଜିଯାଇଥିବା କିମ୍ବା ଚୋରି ହୋଇଥିବା ଫୋନ୍‌ର ବ୍ୟବହାରକୁ ବନ୍ଦ କରିବା ଏବଂ ଅନଧିକୃତ ମୋବାଇଲ୍ ସଂଯୋଗକୁ ଯାଞ୍ଚ୍ କରିବାରେ ଏହି ଆପ୍ ବିଶେଷ ସହାୟକ ହୋଇଥାଏ । ଟେଲିକମ୍ ସମ୍ବନ୍ଧୀୟ ସାଇବର ଠକେଇକୁ ପ୍ରତିହତ କରିବାରେ ଏହି ଆପ୍ ବିଶେଷ ସହାୟକ ହେବ ବୋଲି କୁହାଯାଇଛି । ନୂଆଦିଲ୍ଲୀ ଠାରେ ଏକ ବୈଠକରେ ମନ୍ତ୍ରୀ ଶ୍ରୀ ସିନ୍ଧିଆ ଏହାର ଶୁଭାରମ୍ଭ କରିଛନ୍ତି ।

# ଆଇଏମ୍ଏଫ୍-ଇଣ୍ଡିଆ

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ୨୦୨୫ରେ ଭାରତର ଅଭିବୃଦ୍ଧି ୬ ଦଶମିକ୍ ୭ ପ୍ରତିଶତ ଏବଂ ୨୦୨୬ରେ ୬ ଦଶମିକ୍ ୪ ପ୍ରତିଶତ ରହିବ ବୋଲି ଆକଳନ କରିଛି । ଦେଶର ଅର୍ଥନୈତିକ ପରିସ୍ଥିତି ଏବଂ ସାମ୍ପ୍ରତିକ ତଥ୍ୟ ଆଧାରରେ ଆଇ.ଏମ୍.ଏଫ୍. ଏହି ଆକଳନ କରିଥିବା ଜଣାପଡ଼ିଛି । ପୂର୍ବରୁ ଭାରତର ଜି.ଡି.ପି. ଅଭିବୃଦ୍ଧି ୨୦୨୫ ବର୍ଷ ପାଇଁ ୬ ଦଶମିକ୍ ୨ ପ୍ରତିଶତ ଏବଂ ୨୦୨୬ ପାଇଁ ୬ ଦଶମିକ୍ ୩ ପ୍ରତିଶତ ରହିବ ବୋଲି ଆକଳନ କରିଥିଲା । ୨୦୨୫ ବର୍ଷ ପାଇଁ ବିଶ୍ୱ ଅଭିବୃଦ୍ଧି ୩ ପ୍ରତିଶତ ଏବଂ ୨୦୨୬ ପାଇଁ ୩ ଦଶମିକ୍ ୧ ପ୍ରତିଶତ ରହିବ ବୋଲି ଆଇ.ଏମ୍.ଏଫ୍. ଅନୁମାନ କରିଛି ।

# ଫୁଟବଲ୍-ଏସିଆନ୍ କପ୍

୨୦୨୬ ଏ.ଏଫ୍.ସି. ମହିଳା ଏସିଆ କପ୍ ଫୁଟ୍ବଲ୍ ପ୍ରତିଯୋଗିତା ପାଇଁ ଗ୍ରୁପ୍-ସି ରେ ଭାରତ ସ୍ଥାନିତ ହୋଇଛି ।  ଅନ୍ୟ ଦଳ ଗୁଡ଼ିକ ମଧ୍ୟରେ ଏହି ଗ୍ରୁପ୍‌ରେ ଜାପାନ୍, ଭିଏତନାମ ଏବଂ ଚାଇନିଜ୍ ତାଇପେ ରହିଛନ୍ତି । ଅଷ୍ଟ୍ରେଲିଆର ସିଡ୍‌ନି ଟାଉନ୍ ହଲ୍ ଠାରେ ଗ୍ରୁପ୍ ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି । ଟୁର୍ଣ୍ଣାମେଣ୍ଟରେ ଗ୍ରୁପ୍-ଏରେ ଅଷ୍ଟ୍ରେଲିଆ, କୋରିଆ ଗଣରାଜ୍ୟ, ଇରାନ୍ ଏବଂ ଫିଲିପାଇନ୍ସ ରହିଥିବା ବେଳେ ଗ୍ରୁପ୍-ବିରେ ଡି.ପି.ଆର୍. କୋରିଆ, ଚୀନ୍ ପି.ଆର୍., ବାଂଲାଦେଶ ଏବଂ ଉଜ୍‌ବେକିସ୍ତାନ ରହିଛି ।

## ବ୍ୟାଡ୍‌ମିଣ୍ଟନ୍

ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ସଫଳ ଶୁଭାରମ୍ଭ କରିଛନ୍ତି । ପୁରୁଷ ଯୋଡ଼ି ବର୍ଗରେ ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀଙ୍କ ଯୋଡ଼ି ମାଲେସିଆ ଯୋଡ଼ିଙ୍କୁ ପରାସ୍ତ କରି ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ମହିଳା ଏକକ ବର୍ଗରେ ଭାରତର ଅନମୋଲ୍ ଖର୍ବ ଏବଂ ତଶନିମ୍ ମୀର୍ ବିଜୟୀ ହୋଇଛନ୍ତି । ମିଳିତ ବର୍ଗରେ ଟି. ହେମ-ନାଗେନ୍ଦ୍ର ବାବୁ ଏବଂ ପ୍ରିୟା କୋନ୍‌ଜେନ୍‌ବାମ୍ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି ।

## ଝାଡ଼ଖଣ୍ଡ-ଡୁରାଣ୍ଡ କପ୍

ଡୁରାଣ୍ଡକପ୍ ୨୦୨୫ ପ୍ରତିଯୋଗିତାର ଗ୍ରୁପ୍-ସି ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଗତକାଲି ଜାମ୍‌ସେଦ୍‌ପୁର ଏଫ୍.ସି. ବିଜୟୀ ହୋଇଛି । ଝାଡ଼ଖଣ୍ଡର ଜେ.ଆର୍.ଡି. ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜାମ୍‌ସେଦ୍‌ପୁର ଏଫ୍.ସି. ଇଣ୍ଡିଆନ୍ ଆର୍ମି ଏଫ୍.ଟି. ଦଳକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି । ଜାମ୍‌ସେଦ୍‌ପୁର ଏଫ୍.ସି. ଲିଗ୍ ପର୍ଯ୍ୟାୟରେ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ବିଜୟ ହାସଲ କରି ଗ୍ରୁପ୍-ସି ତାଲିକାର ଶୀର୍ଷ ସ୍ଥାନରେ ରହିଛି ।

# ଓ୍ୱେଦର

ବିହାର, ପୂର୍ବ ରାଜସ୍ଥାନ, ହିମାଚଳ ପ୍ରଦେଶ ଏବଂ ପଶ୍ଚିମ ଉତ୍ତରପ୍ରଦେଶର ବିଭିନ୍ନ ଅଞ୍ଚଳରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ କହିଛି । ଛତିଶଗଡ଼ର କେତେକ ଅଞ୍ଚଳ, ପୂର୍ବ ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, କୋଙ୍କଣ, ଗୋଆ, ମଧ୍ଯ ମହାରାଷ୍ଟ୍ର, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ ଏବଂ ଉତ୍ତର ପୂର୍ବ ରାଜ୍ୟ ଗୁଡ଼ିକର କେତେକ ଅଞ୍ଚଳରେ ଆଜି ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ ।

ଆସନ୍ତା ୭ ଦିନ ମଧ୍ୟରେ କେରଳ, ମାହେ, ଲାକ୍ଷାଦ୍ୱୀପ, କର୍ଣ୍ଣାଟକ, ରୟାଲ୍ ସୀମା, ଆନ୍ଧ୍ରପ୍ରଦେଶ ଉପକୂଳ ଅଞ୍ଚଳ, ୟେନାମ୍ ଏବଂ ତେଲଙ୍ଗାନାରେ ମଧ୍ୟମଧରଣର ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି । ଆସନ୍ତା ତିନି ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ଆରବ ସାଗର ଏବଂ ବଙ୍ଗୋପସାଗରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି ।